ସମାଜ

କଟକ, ତା ୨୧।୩।୪୩ ସୋମବାର

ଚର୍ଚ୍ଚିଲଙ୍କ ନୂଆ ସୃଷ୍ଟି

ବ୍ରିଟେନର ପ୍ରଧାନମନ୍ତ୍ରୀ ମିଃ ଚର୍ଚ୍ଚିଲ ଏବେ ପ୍ରାୟ ସପ୍ତାହକ ତଳେ ପୃଥିବୀବାସୀଙ୍କୁ ଏକ ବେତାର କଣ୍ଠରେ ଯୁଦ୍ଧର ଭବିଷ୍ୟତ ଗତି ଏବଂ ଯୁଦ୍ଧ ପରେ ପୃଥିବୀର ପୁନର୍ସଂଗଠନ ସମ୍ପର୍କରେ ଯାହା କହିଥିଲେ, ପୃଥିବୀର ପୂର୍ବାଞ୍ଚଳ ବିଶେଷରେ ଭାରତର ଅଧିବାସୀଙ୍କ ଦୃଷ୍ଟିରୁ ତାହା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ମିଃ ଚର୍ଚ୍ଚିଲ ଭବିଷ୍ୟତ ବାଣୀ କରିବେ ନାହିଁ ବୋଲି ମୂଳରୁ କହି ପରେ ଯୁଦ୍ଧର ଭବିଷ୍ୟତ ଗତି ସମ୍ପର୍କରେ କହିଲେ—"ଖୁବ୍ ସମ୍ଭବତଃ ମିତ୍ରଶକ୍ତି ହିଟଲରଙ୍କୁ ଅସନ୍ତା ବର୍ଷ ନ ହେଲେ ତା ପର ବର୍ଷ ଅର୍ଥାତ୍ ୧୯୪୫ ମସିହାରେ ସମୂଳେ ବିନାଶ କରିବେ । ତା ପରେ ଜାପାନକୁ ଧ୍ୱଂସ କରିବାକୁ ଏବଂ ଚୀନକୁ ମୁକ୍ତ କରିବା ଲାଗି ପୂର୍ବ ଅଞ୍ଚଳକୁ ବାହାରିବେ । ଜାପାନ ବିରୁଦ୍ଧରେ ଏ ଯେଉଁ ଅଭିଯାନ ହୁଏ ତ ୧୯୪୫ରେ ଆରମ୍ଭ ହେବ, ତାହା କେବେ ସରିବ, ସେ ବିଷୟରେ ମିଃ ଚର୍ଚ୍ଚିଲ ଭବିଷ୍ୟତ ବାଣୀ କରିନାହାନ୍ତି । ଯାହାହେଉ ପୃଥିବୀର ଶାନ୍ତି ସଂଗଠନ ବିଷୟରେ ସେ ଯାହା କହିଛନ୍ତି, ତାହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ତାଙ୍କ ମତରେ ହିଟଲର ବିନାଶ ପରେ ଇଉରୋପରେ କାଉନ୍‌ସିଲ ଅଫ୍ ଇଉରୋପ ନାମକ ଏକ ନୂଆ ଇଉରୋପ ପଞ୍ଚାୟତ ବସି ସେ ମହାଦେଶର ଭାଗ୍ୟ ନିୟନ୍ତ୍ରଣ କରିବ । ସେତେବେଳକୁ ପୂର୍ବପଟେ ଜାପାନ ବିରୁଦ୍ଧରେ ଅଭିଯାନ ଆରମ୍ଭ ହୋଇଥିବାରୁ ତାଙ୍କ କଳ୍ପିତ କାଉନସିଲ ଅଫ ଏସିଆ ସେତେବେଳେ ନ ଗଢ଼ି ଜାପାନ ବିରୁଦ୍ଧରେ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ସେ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ କାଉନସିଲ ଅଫ୍ ଇଉରୋପରେ ବ୍ରିଟେନ, ଆମେରିକା, ରୁଷିଆ ବଡ଼ ବଡ଼ ରାଜ୍ୟରୂପେ ପ୍ରଧାନ ଭାଗନେବେ । ଇଉରୋପରେ ଛୋଟ ଛୋଟ ରାଜ୍ୟମାନେ ଦଳ ଦଳ ହୋଇ ନିଜ ଦଳ ତରଫରୁ ସେ କାଉନସିଲକୁ ପ୍ରତିନିଧି ପଠାଇବେ । କିନ୍ତୁ କାଉନସିଲ ଅଫ୍ ଏସିଆ କିଭଳି ଗଢ଼ାହେବ, ସେ ବିଷୟରେ ମିଃ ଚର୍ଚ୍ଚିଲ ପଦେହେଲେ କିଛି କହିନାହାନ୍ତି । ଭାରତ ସମେତ ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ବିଦେଶୀ ଶକ୍ତିର କବଳରେ ଥାଇ କିପରି ଯେ କାଉନସିଲ ଅଫ୍ ଏସିଆ ଗଠିତ ହେବ, ତାହା ସେ ବୁଝାଇବାକୁ କୌଣସି ଚେଷ୍ଟା କରିନାହାନ୍ତି । ବିଲାତର ବେତାର ଷ୍ଟେସନରୁ ତାଙ୍କର ଯେଉଁ ବକ୍ତୃତା ଘୋଷଣା କରାହୋଇଥିଲା, ସେଥିରେ ସେ ବ୍ରିଟେନର ଅଧୀନସ୍ଥ ଉପନିବେଶମାନଙ୍କ ସମ୍ପର୍କରେ କେତେକ କଥା କହିଥିଲେ; କିନ୍ତୁ ତାଙ୍କ ବକ୍ତୃତାର ଯେଉଁ ବିବରଣୀ ଭାରତକୁ ଆସିଲା, ସେଥିରେ ଏତକ ବାଦ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କର କଳ୍ପିତ ପୃଥିବୀ ସଂଗଠନରେ ଜର୍ମାନୀ-ଇଟାଲୀ ଏବଂ ଜାପାନ-ଠାରୁ ସେମାନଙ୍କର ସମସ୍ତ ଉପନିବେଶ ଛଡ଼ାଇନେବାକୁ ହେବ କିନ୍ତୁ ବ୍ରିଟେନ, ପୁନର୍ଗଠିତ ଫ୍ରାନସ, ବେଲଜିୟମ ଏବଂ ହଲାଣ୍ଡ ତାଙ୍କ ପୂର୍ବ ଉପନିବେଶ କିମ୍ବା ତୁଏ ତ ତାହାଠାରୁ ବେଶି ଦଖଲ କରି ରହିବେ । ଯୁଦ୍ଧର ବର୍ତ୍ତମାନ ଅବସ୍ଥାରେ ମିଃ ଚର୍ଚ୍ଚିଲଙ୍କର ଏ ନୂଆ ସୃଷ୍ଟି ପୃଥିବୀବାସୀ ବିଶେଷରେ ପରାଧୀନ ଦେଶମାନଙ୍କ ପକ୍ଷରେ କିଭଳି ଲୋଭନୀୟ ହେବ, ତାହା କହିବା ଦରକାର ନାହିଁ । ମିଃ ଚର୍ଚ୍ଚିଲ ବିଲାତ ଲୋକଙ୍କ ସମ୍ପର୍କରେ କହିବାକୁ ଯାଇ କହିଲେ—"ଆମ ଲୋକେ ନୌକର ସାହୁଦ୍ୱାରା ଶାସିତ ହେବାକୁ କଦାପି ରାଜି ହେବେ ନାହିଁ । ସ୍ୱାଧୀନତା ହେଉଛି ସେମାନଙ୍କର ପ୍ରାଣ ।" ବିଲାତର ଜନସାଧାରଣଙ୍କ ସମ୍ପର୍କରେ ଏ ଯେଉଁ କଥା କୁହାଗଲା, ଭାରତର ୪୦ କୋଟି ଲୋକଙ୍କ ବେଳକୁ ତାହା ଓଲଟା ହେଉଛି କାହିଁକି ? ଭାରତ ଲୋକେ ଯେ ନୌକର ସାହୁର ଶାସନ ଚାହାନ୍ତି ନାହିଁ ଏବଂ ଭାରତ ଲୋକେ ମଧ୍ୟ ସ୍ୱାଧୀନତାକୁ ସେହିଭଳି ମୂଲ୍ୟବାନ ମନେ କରନ୍ତି, ଏ କଥା ମିଃ ଚର୍ଚ୍ଚିଲ ଭୁଲି ଯାଉଛନ୍ତି କାହିଁକି ? ଭାରତବାସୀଙ୍କ କଉଡ଼ ଦିଣ ବାଣୀ ? ନା ଏହା ଭଗବାନ୍ ସ୍ପଷ୍ଟ କଳା-ଗୋରାଙ୍କ ଭିତରେ ସ୍ୱାଭାବିକ ପାର୍ଥକ୍ୟ ବୋଲି ମିଃ ଚର୍ଚ୍ଚିଲ କହିବେ ।

ଓଡ଼ିଶାଆସେମ୍ବ୍ଲି

ଉତ୍ତର ବାଲେଶ୍ୱରରେ ଅନାହାରରେ ମୃତ୍ୟୁ

କଟକ, ତା ୨୧।୩।୪୩—ଉତ୍ତର ବାଲେଶ୍ୱରର ବତାସପୀଡ଼ିତ ଅଞ୍ଚଳରେ ଅନାହାରରେ କୌଣସି ମୃତ୍ୟୁ ଘଟିଛି କି ବୋଲି ଶ୍ରୀମତୀ ସରଳା ଦେବୀଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ ମାନ୍ୟବର ଶୋଭନ ଗାଁ କହିଲେ ଯେ ରେମୁଣା ଥାନାର ୨-୩ ନମ୍ବର ଇଉନିୟନରେ, ଭୋଗରାଇ ଥାନାର ୧-୫ ଇଉନିୟନରେ ଅଳ୍ପ କେତେକ ମୃତ୍ୟୁ ଘଟିଛି । କିନ୍ତୁ ଏ ବିଷୟ ବର୍ତ୍ତମାନ ବିଚାରାଧୀନ ଅଛି । ସରକାର ଲୋକକୁ କ୍ଷୁଧା ଏବଂ ଅନାହାରରୁ ରକ୍ଷା କରିବା ପାଇଁ କଣ କରିଛନ୍ତି ବୋଲି ପଚାରିବାରୁ ସେ କହିଲେ ଯେ ବାତ୍ୟାପୀଡ଼ିତ ଅଞ୍ଚଳର ବିରଳ ଅଂଶରେ ଘର ମରାମତି କରିବାପାଇଁ ଏବଂ ଚାଷପାଇଁ ବଳଦ କିଣିବାକୁ ଋଣ ଦିଆଯାଉଛି । ଭୋଗରାଇ ଥାନାର ୭,୯,୧୦ ଇଉନିୟନମାନଙ୍କରେ ମୁଠି ଦିଆଯାଇ ଓଡ଼ିଶା ବନ୍ୟା କମିଟି ୫ହଜାର ଟଙ୍କା ଦେଇଥିଲେ । ଜଳେଶ୍ୱର ଠାରେ ୫୧୭୮ଟି ଚାଉଳ ରହିଛି । ଦରକାର ପଡ଼ିଲେ ଏହା ମୁଠି ଭିପାରୁପେ ଦିଆଯିବ । ଭୋଗରାଇ ଥାନାରେ ବାଟଗାଁ ଠାରେ ଗୋଟିଏ ଶସ୍ତା ଶସ୍ୟ ଗୋଲା ଖୋଲାଯାଇଛି । ସେଠାରେ ମହଣ ୫୪ ଦରରେ ଧାନ ବିକ୍ରି ହେଉଛି । କେତେକ ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ବିପଲ ଅଞ୍ଚଳରେ ୫ଟଙ୍କାରେ ୪ସେର ଭାରରେ ଚାଉଳ ବିକିବାପାଇଁ ଗୋଦାମ ଖୋଲିବାକୁ ଅନୁମତି ଦିଆଯାଇଛି । ଯେଉଁ ଅଞ୍ଚଳରେ ଅନାହାରରେ ମୃତ୍ୟୁ ଘଟିଛି ସରକାର ତାକୁ ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳ ବୋଲି ଘୋଷଣା କରିବେ କି ବୋଲି ପଚାରିବାରୁ ମାନ୍ୟବର ମନ୍ତ୍ରୀ କହିଲେ ଏସବୁ ମୃତ୍ୟୁ ଅନାହାର ଯୋଗୁଁ ହୋଇଛି କି ନାହିଁ ସେ କଥା ବର୍ତ୍ତମାନ ବିଚାରାଧୀନ । ଏ ସବୁ ଅଞ୍ଚଳକୁ ଦୁର୍ଭିକ୍ଷ ଅଞ୍ଚଳ ବୋଲି ଘୋଷଣା କରିବାର ଆବଶ୍ୟକତା ଏ ପର୍ଯ୍ୟନ୍ତ ଉପୁଜି ନାହିଁ । ଆଉ ଏକ ପ୍ରଶ୍ନର ଉତ୍ତରରେ ସେ ସ୍ୱୀକାର କଲେ ଯେ ଉତ୍ତର ବାଲେଶ୍ୱରର ବତାସପୀଡ଼ିତ ଅଞ୍ଚଳରେ ଧାନ ଦର ମହଣ ପିଛା ୫ ୭୨ ରୁ ଚଢ଼ି ଯାଇଛି ଏବଂ ରାଜସ୍ୱମନ୍ତ୍ରୀ ମିଶନ ଓ ଭାରତ ସେବାସଂଘ ପ୍ରଭୃତି ବେସରକାରୀ ସାହାଯ୍ୟ କମିଟିମାନ ଅର୍ଥାଭାବରୁ ତାଙ୍କ ସାହାଯ୍ୟ ବନ୍ଦ କରି ଦେଇଛନ୍ତି । ପ୍ରଶ୍ନୋତ୍ତର ପରେ ଶ୍ରୀଯୁକ୍ତ ସତ୍ୟମୂର୍ତ୍ତି ଓ ଶ୍ରୀଯୁକ୍ତ ଶଶିଭୂଷଣ ରଥଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇ ଅସେମ୍ବ୍ଲିର ସଭ୍ୟମାନେ ବିଗତ ଆତ୍ମା ପ୍ରତି ସମ୍ମାନ ଦେଖାଇ ଦଣ୍ଡାୟମାନ ହୋଇଥିଲେ । ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇ ଦେବାପାଇଁ ସଭାପତିଙ୍କୁ ଅନୁରୋଧ କରାଯାଇଛି ॥

ବଣିକ ସଂଘର ଜାତୀୟ ସରକାର ଦାବୀ

ନୂଆଦିଲ୍ଲୀ, ତା ୨୦।୩।୪୩—ଭାରତୀୟ ବଣିକ ସଂଘର ଷଷ୍ଠଦଶ ବାର୍ଷିକ ଅଧିବେଶନର ସଭାପତିରୂପେ ଶ୍ରୀଯୁକ୍ତ ଜି, ଏଲ, ମେହେତା ତାଙ୍କ ଭାଷଣରେ କହିଲେ ଯେ ଲୋକ ସାଧାରଣଙ୍କ ଅବସ୍ଥା ଉପରେ ଦେଶର ଅର୍ଥନୈତିକ ଉନ୍ନତି ବିଶେଷ ଭାବରେ ନିର୍ଭର କରେ ।ଏ କଥା ମନେ ରଖିବା ଦରକାର । ଲୋକଙ୍କ ଅର୍ଥନୈତିକ ଦୁରବସ୍ଥା ଦୂର କରିବା ଏକ ସମସ୍ୟା ନୁହେ; ଏହା ଅମର ଏକ କର୍ତ୍ତବ୍ୟ । ଭାରତରେ ଏକ କେନ୍ଦ୍ର ଜାତୀୟ ସରକାର ପ୍ରତିଷ୍ଠା ହେଉ ଏବଂ ସାମ୍ରାଜ୍ୟ ଓ ଅନ୍ତର୍ଜାତିକ କାଉନସିଲ-ମାନଙ୍କରେ ଏଭଳି ସରକାରର ପ୍ରତିନିଧିମାନେ ରହନ୍ତୁ ଏବଂ ଶାନ୍ତି ସମ୍ମିଳନୀରେ ଭାରତୀୟ ସ୍ୱାର୍ଥ ଓ ଭାରତୀୟଙ୍କ ମନୋଭାବ ବ୍ୟକ୍ତ କରିବା ପାଇଁ ପ୍ରତିନିଧିମାନେ ରହନ୍ତୁ ଏହା ଅମର ଦରକାର ।

ବିହାର ବଜେଟ
ଆସନ୍ତା ବର୍ଷ ୭୧ ଲକ୍ଷ ଟଙ୍କା ଅଧିକ ହେବ

ପାଟନା, ତା ୩।୪।୪୩

ବିହାର ପ୍ରଦେଶର ୧୯୪୩।୪୪ ସାଲର ବଜେଟରୁ ପ୍ରକାଶ ଯେ ୧୯୪୩।୪୪ ସାଲରେ ୭୧ ଲକ୍ଷ ଟଙ୍କା ବଳକା ହେବ ।

ଆରାକାନ ଯୁଦ୍ଧ

କକ୍‌ସବଜାର ଓ ମଫନଦୀରେ ଥିବା ଜାହାଜ ଉପରେ ଅକ୍ରମଣ

ନୂଆଦିଲ୍ଲୀ, ତା ୨୮।୩।୪୩—ଭାରତୀୟ ମିଳିତ ଯୁଦ୍ଧ ଇସ୍ତାହାରରେ କୁହାଯାଇଛି ଯେ ଆରାକାନ ସୀମାନ୍ତରେ ଗତକାଲି ଅନେକବାର ପ୍ରବଳ ଶତ୍ରୁଶତ୍ରୁ ଉଡ଼ାଜାହାଜ ଲଢ଼େଇ ହୋଇଯାଇଛି । ଏ ଲଢ଼େଇରେ ଶତ୍ରୁର ୧୨ଟା ଉଡ଼ାଜାହାଜକୁ ଧ୍ୱଂସ କରି ଦିଆଯାଇଛି । ଦ୍ୱିପ୍ରହରର ଖୁବ କମ୍ ସମୟ ପରେ ପରେ ଦଳ ଦଳ ଜାପାନୀ ଉଡ଼ାଜାହାଜ ଲହରୀ ମାଡ଼ ଅସିଲିପର ଅସି କକ୍‌ସବଜାର ଓ ମଫନଦୀରେ ଜାହାଜମାନଙ୍କ ଉପରେ ଅକ୍ରମଣ କରିଥିଲେ । ଏ ଉଡ଼ାଜାହାଜମାନଙ୍କୁ ଅମର ହରିକେନ ଉଡ଼ାଜାହାଜମାନେ ତପୂର କରି ରଖିଥିଲେ ଓ ଶତ୍ରୁର ୧୦ଟା ବୋମାବର୍ଷୀ ଉଡ଼ାଜାହାଜକୁ ଖସାଇ ପକାଇ ଥିଲେ ଓ ଆଉ ଅନେକଙ୍କୁ ଜଖମ କରି ଦେଇଥିଲେ । ଅମ ପକ୍ଷ ଉଡ଼ାଜାହାଜଙ୍କର କିଛି କ୍ଷତି ହୋଇନାହିଁ । ତଳୁ ଉଡ଼ାଜାହାଜ ବିଧ୍ୱଂସୀ କମାଣ୍ଡରୁ ଓ ନଫା ନଦୀରେ ଥିବା ଷ୍ଟିମରରୁ ଗୋଲାବୃଷ୍ଟି ହେବା ଫଳରେ ଆଉ ୨ଟା ଶତ୍ରୁ ବୋମାବର୍ଷୀ ଉଡ଼ାଜାହାଜକୁ ଖସାଇ ପକା ହୋଇଛି । ଅମ ପକ୍ଷ ଉଡ଼ାଜାହାଜଙ୍କ ତପୂରତା ଏତେ ସଫଳ ହୋଇଥିଲା ଯେ ଶତ୍ରୁ କେବଳ ଗୋଟିଏ ଜାଗା ଉପରେ ଅକ୍ରମଣ କରିପାରିଥିଲେ । ସାମାନ୍ୟ କ୍ଷତି ହୋଇଛି ଓ ଅଳ୍ପଲୋକ ମୃତଅହତ ହୋଇଛନ୍ତି । ଗତକାଲି ରାତିରେ ଇଂରେଜ ଉଡ଼ାଜାହାଜମାନେ ଟାଙ୍ଗୁ ଏରୋଡ୍ରମ ଉପରେ ବୋମାବୃଷ୍ଟି କରିଥିଲେ । ଅମର ସବୁ ଉଡ଼ାଜାହାଜଗୁଡ଼ିକ ନିରାପଦରେ ଫେରିଛନ୍ତି ।

ମୁଙ୍ଗଡ଼ାଓ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ତା ୨୭।୩।୪୩—ଗତକାଲି ସକାଳେ ଇଂରେଜ ଉଡ଼ାଜାହାଜ ବାହିନୀର ବୋମାବର୍ଷୀ ଉଡ଼ାଜାହାଜମାନେ ଶିନଓ୍ୟା-ଠାରେ ଥିବା ରେଲବାଇ ଷ୍ଟେସନ ଓ ଅନ୍ୟ ଘାଟିମାନଙ୍କ ଉପରେ ଚଢ଼ାଉ କରିଥିଲେ । ଷ୍ଟେସନ ଓ ଅନ୍ୟ ଲକ୍ଷ୍ୟବସ୍ତୁ ଅଞ୍ଚଳରେ ବୋମା ବିସ୍ଫୋରଣମାନ ହେଉଥିବାର ଦେଖାଯାଇଥିଲା ।

ଉପରବେଳା ଅନ୍ୟ ଉଡ଼ାଜାହାଜ-ମାନେ ମାୟୁ ଅନ୍ତରୀପରେ ଥିବା ଗୋଟାଏ ଜାପାନୀ ଅଧିକୃତ ଗାଁ ଉପରେ ଅକ୍ରମଣ କରିଥିଲେ ।

ଶତ୍ରୁର ବୋମାବର୍ଷୀ ଉଡ଼ାଜାହାଜମାନେ ମାଙ୍ଗଡ଼ାଓ ଉପରେ ଦୁଇ ଥର ଅକ୍ରମଣ କରିଥିଲେ । ଫଳରେ ସହରର ଗୋଟାଏ ଅଞ୍ଚଳରେ ନିଆଁ ଲାଗି ଯାଇଥିଲା ଓ ଅନ୍ୟ କ୍ଷତିମାନ ହୋଇଥିଲା । କେତେକ ଲୋକ ଅହତ ହୋଇଛନ୍ତି । ସେଥିରୁ କେତେକ ମରି ଯାଇଛନ୍ତି । ଅମର ଲଢ଼ୁଆ ଉଡ଼ାଜାହାଜମାନେ ଶତ୍ରୁର ଗୋଟାଏ ଅକ୍ରମଣ-କାରୀ ଉଡ଼ାଜାହାଜକୁ ଧ୍ୱଂସ କରି ଦେଇଛନ୍ତି ଓ କେତେକଙ୍କୁ ଜଖମ କରି ଦେଇଛନ୍ତି । ମାତ୍ର ଅମପକ୍ଷ ଉଡ଼ାଜାହାଜଙ୍କର କିଛି କ୍ଷତି ହୋଇନାହିଁ । (ଏ,ପି)

ଚୀନ ଯୁଦ୍ଧ

ଚୁଙ୍କିଂ, ତା ୨୮।୩—ଆଜି ରାତି ଚୀନ ଇସ୍ତାହାରରେ କୁହାଯାଇଛି ଯେ ପୂର୍ବ ସାନ ଷ୍ଟେଟର ସୀମାନ୍ତରେ ଯୁଦ୍ଧ ଚାଲିଛି । ଏଥିରେ କୁହାଯାଇଛି ଯେ ମାର୍ଚ୍ଚ ୧୯ ତାରିଖରେ କେଙ୍ଗଟୁଙ୍ଗଠାରେ ଥିବା ଜାପାନୀମାନେ ଦକ୍ଷିଣ ୟୁନାନ ସୀମାନ୍ତରେ ଚୀନ ଭିତରକୁ ମାଡ଼ ଅସିବା ପାଇଁ ଅନେକ ବାର ଅକ୍ରମଣ କରିଥିଲେ । ଏଥିରେ ଅହତ ମଧ୍ୟ କୁହା-ଯାଇଛି ଯେ ହୋନାନ ଓ ହୁପେ ପ୍ରଦେଶରେ ଏବଂ ଦକ୍ଷିଣରେ କ୍ୱାଙ୍ଗଟାଙ୍ଗ ପ୍ରଦେଶରେ ଲଢ଼େଇ ଚାଲିଛି ।

—— [ରଏଟର]

ଶ୍ରୀମତୀ ନାଇଡ଼ୁଙ୍କ ସ୍ୱାସ୍ଥ୍ୟ

ପୁନା, ତା ୨୭।୩—ଶ୍ରୀମତୀ ସରୋଜିନୀ ନାଇଡ଼ୁ ଗତ କାଲି ରାତିରେ ଅସ୍ୱସ୍ଥ ବୋଧ କରିଥିଲେ । ସେ ଦଇଣ୍ଡା ଶୋଇଥିଲେ ଓ ମଝିରେ ମଝିରେ ତାଙ୍କ ନିଦ ଭାଙ୍ଗିଥିଲା । ଦିନତମାମ ତାଙ୍କ ତାପ କମ ଥିଲା । ଲେଫଟେନାଣ୍ଟ କର୍ଣ୍ଣେଲ ଏସ, ଆର, ଫ୍ରାଲ, ଡାକ୍ତର ବେମସ୍ୱାମୀ ଓ ଡାକ୍ତର ଦିନ ସାହା ମେହେତା ଆଜି ଦୁଇ ଥର ପରୀକ୍ଷା କରିଥିଲେ । ଶ୍ରୀମତୀ ସରୋଜିନୀଙ୍କ ପୁଅ ଓ ଝିଅ ଶୁଶ୍ରୂଷା କରୁଛନ୍ତି । (ଏ, ପି,)

ମିତ୍ରପକ୍ଷର ଆକ୍ରମଣ

ଏଲହାମା ଅଞ୍ଚଳରେ ଇଂରେଜ ସୈନ୍ୟଙ୍କ ଅଗ୍ରଗତି
ଆମେରିକା ସେନ୍ୟମାନେ ଫଣ୍ଡକ ଦଖଲ କଲେ

ଲଣ୍ଡନ, ତା ୨୮।୩।୪୩—ଆଲିଜିୟର୍ସ ବେତାରଷ୍ଟେସନ ଆଜି ସକାଳେ ଘୋଷଣା କରିଛି ଯେ ମାରେଥ ଲାଇନରେ ଅଷ୍ଟମ-ବାହିନୀ ନୂଆ ଅଗ୍ରଗତି କରିଛନ୍ତି । ଏଲହାମା ପଟେ ଯୁଦ୍ଧ ଚାଲିଛି । ମାକନାସି ଅଞ୍ଚଳ ଓ ଗାଫସାର ଦକ୍ଷିଣ ପଟେ ଇଂରେଜ ସୈନ୍ୟମାନେ ଅକ୍ରମଣ ଚଳାଇଛନ୍ତି । ଜର୍ମାନ ଉଡ଼ାଜାହାଜମାନେ ମିତ୍ରପକ୍ଷ ସୈନ୍ୟଙ୍କ ପଛପଟେ ଅକ୍ରମଣ ଚଳାଇ ନାହାନ୍ତି; ମିତ୍ରପକ୍ଷ ଉଡ଼ାଜାହାଜମାନେ ଶତ୍ରୁପକ୍ଷର ଅସ୍ଥାନମାନଙ୍କ ଉପରେ ଅକ୍ରମଣ ଚଳାଇଛନ୍ତି ଭିଚି ରେଡ଼ିଓ ଘୋଷଣା କରିଛି ଯେ ମାରେଥ ଲାଇନ ଉପରେ ଇଂରେଜ ସୈନ୍ୟମାନଙ୍କ ସ୍ଥାନୀୟ ଅକ୍ରମଣ ଫଳରେ ଜର୍ମାନ ଓ ଇଟାଲୀୟ ଅଗ ସାଞ୍ଜୁଆ ସୈନ୍ୟମାନେ ସୁଶୃଙ୍ଖଳ ଭାବରେ ସେମାନଙ୍କ ବ୍ୟୁହମାନଙ୍କୁ ହଟି ଯାଇଛନ୍ତି । ଅଷ୍ଟମ ବାହିନୀର ପଦାତିକ ସୈନ୍ୟମାନେ ଅଟିଲିରୀ ସାହାଯ୍ୟରେ ମାରେଥ ଲାଇନ ଉପରେ ଅକ୍ରମଣ ଚଳାଇଛନ୍ତି । ଗୋଟାଏ ଜାଗାରେ ଇଂରେଜ ସୈନ୍ୟମାନେ ଜର୍ମାନ ବ୍ୟୁହ ଭିତରକୁ ପଶି ଯାଇଛନ୍ତି ।

ଉତ୍ତର ଅଫ୍ରିକା ମିତ୍ରପକ୍ଷ ଇଉଣିର ଏକ ଇସ୍ତାହାରରେ ପ୍ରକାଶ ଯେ ଏଲହାମା ଅଞ୍ଚଳରେ ତୀବ୍ରଗତି ଯୁଦ୍ଧ ଚାଲିଛି । ଗତ କାଲି ଅମ ସୈନ୍ୟମାନେ ଶତ୍ରୁ ସୈନ୍ୟଙ୍କ ଉପରେ ଚାପ ଦେବା ଫଳରେ ସେମାନେ ପଛକୁ ହଟି ଯିବାକୁ ବାଧ୍ୟ ହୋଇଥିଲେ ଏବଂ ଅମ ସୈନ୍ୟମାନେ ଏଲହାମା ସହର ଉପକଣ୍ଠରେ ପହଞ୍ଚି ଗଲେ । ମାରେଥର ଦକ୍ଷିଣ-ପଶ୍ଚିମ ପଟେ ମଧ୍ୟ ଅମ ସୈନ୍ୟ ଅଗ୍ରଗତି କରିଥିଲେ ଏବଂ କେତେକ ସୈନ୍ୟଙ୍କୁ ବନ୍ଦୀ କରାଯାଇଥିଲା । କେନ୍ଦ୍ର ଟ୍ୟୁନିସିଆରେ ଗାଫସା ମାକନସି ଅଞ୍ଚଳରେ ସବୁ ଭଲଠାନ ରହିଛି; କିନ୍ତୁ ଆମେରିକାନ ସୈନ୍ୟମାନେ ଅହରହ ଉତ୍ତରରେ ଫଣ୍ଡକ ଦଖଲ କରିଛନ୍ତି । ପ୍ରଥମ ବାହିନୀ ଥିବା ଇଲାକାରେ କେବେଳ ଅବିଦ ଅଞ୍ଚଳରେ ଶତ୍ରୁପକ୍ଷର ଶକ୍ତିଶାଳୀ ପ୍ରତିରୋଧ ସତ୍ତ୍ୱେ ଅମ ସୈନ୍ୟମାନେ ସେମାନଙ୍କ ଲକ୍ଷ୍ୟବସ୍ତୁ-ମାନଙ୍କ ନିକଟରେ ପହଞ୍ଚିଥିଲେ । (ରଏଟର)

ଶ୍ରୀଯୁକ୍ତ ସତ୍ୟମୂର୍ତ୍ତିଙ୍କ ପରଲୋକ
ବିଶିଷ୍ଟ କଂଗ୍ରେସି ନେତାଙ୍କ ଅବସାନ

ମାଦ୍ରାଜ, ତା ୨୮।୩।୪୩—ଗତ କାଲି ରାତି ଗୋଟାଏବେଳେ ଶ୍ରୀଯୁକ୍ତ ସତ୍ୟମୂର୍ତ୍ତିଙ୍କ ପରଲୋକ ହୋଇଯାଇଛି । ଗତ ଫେବୁୟାରୀ ୨ ତାରିଖରେ ସେ ଜେଲରୁ ଖଲାସ ହୋଇ ଏଠା ଜେନେରାଲ ହାସପାତାଳରେ ଚିକିତ୍ସିତ ହେଉଥିଲେ । ତାଙ୍କ ଅବସ୍ଥା ଅତି ଖରାପ ହୋଇ ଉଠିବାରୁ ଇଞ୍ଜେକସନଦ୍ୱାରା ତାଙ୍କ ଶରୀରରେ ରକ୍ତ ଦିଆ ଯାଉଥିଲା ।

ଶ୍ରୀଯୁକ୍ତ ସତ୍ୟମୂର୍ତ୍ତି ପୁଦୁ କୋଟାର ଷ୍ଟେଟର ଦରୁମାୟୁମଠାରେ ୧۸۸୭ ମସିହା ଅଗଷ୍ଟ ୧۸ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ କେନ୍ଦ୍ରଅସେମ୍ବ୍ଲି କଂଗ୍ରେସ ଦଳର ସହକାରୀ ନେତା ଥିଲେ । ସେ ୧୯୧୯ରେ କଂଗ୍ରେସ ପ୍ରତିନିଧି ଦଳର ସଭ୍ୟରୂପେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଯାଇଥିଲେ ଏବଂ ୧୯୨୫ ସାଲରେ ସ୍ୱରାଜ୍ୟଦଳ ତରଫରୁ ବିଲାତ ଯାଇଥିଲେ ଏବଂ ମାଦ୍ରାଜ କାଉନ-ସିଲରେ ସ୍ୱରାଜ୍ୟ ଦଳର ଜଣେ ସଭ୍ୟରୂପେ ନିର୍ବାଚିତ ହୋଇଥିଲେ ।

ଶ୍ରୀଯୁକ୍ତ ସତ୍ୟମୂର୍ତ୍ତିଙ୍କ ମୃତ୍ୟୁରେ ଶ୍ରୀଯୁକ୍ତ ରାଜଗୋପାଳାଚାରୀ, ଡାକ୍ତର ପି ସୁବାରାୟାନ, ମିଃ ଅବଦୁଲ ଦସିଦଗାଁ, ଶ୍ରୀ ବେଙ୍କଟସ୍ୱାମୀ ନାଇଡ଼ୁ ଓ ମାଦ୍ରାଜ ମେୟର ଶ୍ରୀ ଚାଡ଼ୁଲଙ୍କ ମୁଦାଲିୟର ଶୋକପ୍ରକାଶ କରି ବିବୃତିମାନ ଦେଇଛନ୍ତି । (ଏ,ପି,)

କଟକରେ ସର୍ବୋଚ୍ଚ କୋର୍ଟ

କଟକ, ତା ୨୧।୩—ଓଡ଼ିଶା ସର୍ବୋଚ୍ଚ କୋର୍ଟ ବିଚାର ଅଜି ଏଠାରେ ଆରମ୍ଭ ହୋଇଛି । ପାଟନା ହାଇକୋର୍ଟର ମାନ୍ୟବର ମିଃ ଜଷ୍ଟିସ, ମନୋହର ଲାଲ ଓ ମାନ୍ୟବର ମିଃ ଜଷ୍ଟିସ ବ୍ରାଉ ବିଚାରପତି ହୋଇ ଅସିଛନ୍ତି ।

ହକଙ୍କ ଇସ୍ତଫା

ବଙ୍ଗଳାର ପ୍ରଧାନମନ୍ତ୍ରୀପଦରୁ ଗଲେ

କଲିକତା, ତା ୨୧।୩—ବଙ୍ଗଳାର ପ୍ରଧାନ ମନ୍ତ୍ରୀ ପଦରୁ ମିଃ ଏ, କେ, ଫଜଲୁଲ ହକ ଇସ୍ତଫା ଦେଇଛନ୍ତି । ଗତ କାଲି ରାତିରେ ସେ ତାଙ୍କ ଇସ୍ତଫା ବଙ୍ଗଳାର ଲାଟଙ୍କ ହାତରେ ଦେଇଥିଲେ ଏବଂ ଲାଟ-ସାହେବ ତାହା ଗ୍ରହଣ କରିଛନ୍ତି । ଆଜି ବଙ୍ଗଳା ଅସେମ୍ବ୍ଲି ବୈଠକ ଆରମ୍ଭ ହେଲା ପରେ ମିଃ ହକ୍ ଏକଥା ଫିଟାଇ କହିଛନ୍ତି । —— (ଏ, ପି,)

ରେଙ୍ଗୁନ ଉପରେ ବୋମାବୃଷ୍ଟି

ନୂଆଦିଲ୍ଲୀ, ତା ୨୮।୩—ଗତ ୨୬।୨୭ ତାରିଖ ରାତିରେ ଆମେରିକାନ ଉଡ଼ାଜାହାଜ-ମାନେ ରେଙ୍ଗୁନର ସେଣ୍ଟ୍ରାଲ ଷ୍ଟେସନ ଜାହାଜ ବନ୍ଦର ଓ ମିଙ୍